**This question paper consists of 22 questions and 8 printed pages.**
ଏହି ପ୍ରଶ୍ନପତ୍ରରେ ମୋଟ **22** ଟି ପ୍ରଶ୍ନ ଅଛି ଏବଂ **8** ମୁଦ୍ରିତ ପୃଷ୍ଠା ଅଛି ।

**Roll No.** | | | | | | | | | | | | | **Code No. 44/S/A/OR**
ରୋଲ୍ ନମ୍ବର — କୋଡ୍ ନମ୍ବର

# ଓଡ଼ିଆ
# (ORIYA)
# (233)

**Day and Date of Examination**
ପରୀକ୍ଷାର ଦିନାଙ୍କ ଓ ତାରିଖ ____________________

**Signature of Invigilators**
ପରୀକ୍ଷକ ମାନଙ୍କ ହସ୍ତାକ୍ଷର **1.** ____________________
ନିରୀକ୍ଷକଙ୍କ ସ୍ୱାକ୍ଷର
**2.** ____________________

ସାଧାରଣ ନିର୍ଦ୍ଦେଶାବଳୀ :

**1** ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ପରୀକ୍ଷାର୍ଥୀ ନିଜର ରୋଲ୍ ନମ୍ବର ନିର୍ଦ୍ଦିଷ୍ଟ ସ୍ଥାନରେ ନିଶ୍ଚିତ ଲେଖନ୍ତୁ ।

**2** ପ୍ରଶ୍ନପତ୍ରର ସମସ୍ତ ମୁଦ୍ରିତ ପୃଷ୍ଠା ଓ ପ୍ରଶ୍ନସଂଖ୍ୟା ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ଦିଆଯାଇଥିବା ସଂଖ୍ୟା ସହ ମିଳାଇ ନିଅନ୍ତୁ । ପ୍ରଶ୍ନଗୁଡ଼ିକ କ୍ରମାନୁଯାୟୀ ଅଛି କିନାହିଁ ଦେଖି ନିଅନ୍ତୁ ।

**3** ଉତ୍ତର ପୁସ୍ତିକାରେ ସମସ୍ତ ପ୍ରଶ୍ନର ଉତ୍ତର ଲେଖନ୍ତୁ ।

**4** ସମସ୍ତ ପ୍ରଶ୍ନର ଉତ୍ତର ନିର୍ଦ୍ଧାରିତ ସମୟ ଭିତରେ ଦେବାକୁ ହେବ ।

**5** ଉତ୍ତର ପୁସ୍ତିକାର ନିର୍ଦ୍ଦେଷ୍ଟ ସ୍ଥାନ ବ୍ୟତିତ ଅନ୍ୟ କୌଣସି ସ୍ଥାନରେ ପରୀକ୍ଷାର୍ଥୀ ଯଦି ନିଜ ରୋଲ୍ ନମ୍ବର ଲେଖନ୍ତି କିମ୍ବା ଅନ୍ୟ କିଛି ଚିହ୍ନ ଦିଅନ୍ତି ତେବେ ପରୀକ୍ଷାର୍ଥୀଙ୍କୁ ଅଯୋଗ୍ୟ ଘୋଷିତ କରାଯିବ ।

**6** ପ୍ରଶ୍ନପତ୍ରର କୋଡ଼ ନମ୍ବର **44/S/A/OR** ଉତ୍ତର ପୁସ୍ତିକାରେ ଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ଲେଖନ୍ତୁ ।

# ଓଡ଼ିଆ

# (ORIYA)

# (233)

ସମୟ : **3** ଘଣ୍ଟା | ପୂର୍ଣ୍ଣ ସଂଖ୍ୟା : **100**

ନୋଟ୍ : (i) ପ୍ରତି ପ୍ରଶ୍ନର ଉତ୍ତର ଦିଅ ।

(ii) ପ୍ରତ୍ୟେକ ପ୍ରଶ୍ନ ସମ୍ମୁଖରେ ନିର୍ଦ୍ଧାରିତ ସଂଖ୍ୟା (ମାର୍କ୍) ସୂଚିତ ହୋଇଛି ।

**1** ସମସ୍ତ ପ୍ରଶ୍ନର ଉତ୍ତର ଦିଅ - **1×2**

(କ) କେରଳର ଏକ ଉଦ୍ୟାନରେ କ'ଣ ଥିଲା ?

(ଖ) ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ପ୍ରଥମ ଚାରୋଟି କ'ଣ ?

**2** ଠିକ୍ ଉତ୍ତରଟି ବାଛି ଲେଖ - **1×3**

(କ) 'ସଉରୀ ନାରାୟଣ' କ'ଣ ?

(i) ଏକ ବସ୍ତୁ

(ii) ଏକ ସ୍ଥାନ

(iii) ଏକ ପୁସ୍ତକ

(ଖ) ଝଙ୍କଡ଼ ପଟନାୟକ ଘର ଝିଅମାନେ ଭାଗବତ ବୋଲିବା ସହିତ ଆଉ କେଉଁ ଛାନ୍ଦ ଗାଉଥିଲେ ?

(i) ରସ କଲ୍ଲୋଳ

(ii) ବୈଦେହୀଶ ବିଳାସ

(iii) ଲାବଣ୍ୟବତୀ

(ଗ) "ହିମାଳୟର ହିମ ଛାୟା ତଳେ : ମସୁରୀ" ରେ କାହାର ଭ୍ରମଣ ବୃତାନ୍ତ ବର୍ଣ୍ଣିତ ?

(i) ରାଜ କିଶୋର ରାୟ

(ii) କୁନ୍ତଳା କୁମାରୀ ସାବତ

(iii) ଗୋଲକ ବିହାରୀ ଧଳ

3 'ମାଟିରେ ମିଶିବା' କହିଲେ କଅଣ ବୁଝାଏ ? 1×1

(i) ମାଟିରେ ଶୋଇବା

(ii) ମାଟିରେ ଗଡ଼ିବା

(iii) ମୃତ୍ୟୁ ଲାଭ କରିବା

4 ଅର୍ଥ ଲେଖ - 1×2

ନାଉଁଆ ଲୋକେ, କ୍ଷୀଣ ଦୀପିତା ।

5 ଗୋଟିଏ ବାକ୍ୟରେ ଉତ୍ତର ଲେଖ - (ଗୋଟିକର) 1

(କ) 'ସରୋବର ବର୍ଣ୍ଣନା'ର କବି କିଏ ?

(ଖ) କୃଷ୍ଣ ମାଟି ଖାଇଛନ୍ତି ବୋଲି କିଏ ଯଶୋଦାଙ୍କ ଆଗରେ କହିଲା ?

6 ସଂକ୍ଷିପ୍ତରେ ଉତ୍ତର ଲେଖ - (ତିନୋଟିର) 3×3

(କ) କିଏ କିପରୀ ଅଗସ୍ତିଙ୍କ ପାଦ ପୂଜା କରିଥିଲେ ?

(ଖ) ଉତ୍କଳ-ଲକ୍ଷ୍ମୀଙ୍କୁ କିଏ-କିପରି ଚାମର ଢାଳୁଥିଲେ ?

(ଗ) 'ଆକାଶ-କୁସୁମ' ବୋଲି କବି କାହାକୁ ଓ କାହିଁକି କହିଛନ୍ତି ?

(ଘ) ଚେତା ଫେରିବା ପରେ ଯଶୋଦା ମନରେ କ'ଣ ଭାବିଲେ ?

7 ଯେ କୌଣସି ୩ଟି ପ୍ରଶ୍ନର ଉତ୍ତର ଦିଅ - 3×3

(କ) "ଆମେ ଭାରତୀୟ" ପ୍ରବନ୍ଧରେ ଡଃ ଏ.ପି.ଜେ. ଅବଦୁଲ କଲାମ୍ କେଉଁ ତିନୋଟି କଥା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି ?

(ଖ) ଲକ୍ଷ୍ମଣ ନାୟକଙ୍କ ବ୍ୟତୀତ ଯେଉଁ ଆଦିବାସୀମାନେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ; ସେମାନଙ୍କ ନାମ କ'ଣ ?

(ଗ) 'ଆଚରଣ ଓ ବାତାବରଣ' ପ୍ରବନ୍ଧରେ ରାଜା ଦେଖିଥିବା ତିନୋଟି ସ୍ୱପ୍ନ କଅଣ ଥିଲା ?

(ଘ) 'ସୈନ୍ଧବ' ଶବ୍ଦରୁ ମୁଖ୍ୟ ପଣ୍ଡିତ ସମସ୍ୟା କିପରି ସୃଷ୍ଟି ହୁଏ ଉଦାହରଣ ସହ ଲେଖ ।

8 ଯେ କୌଣସି ଦୁଇଟି ପ୍ରଶ୍ନର ଉତ୍ତର ଲେଖ - 6×2

(କ) 'ଛୋଟ ମୋର ଗାଆଁଟି' କବିତା ଅବଲମ୍ବନରେ କବିଙ୍କର ଗ୍ରାମ ପ୍ରତି ଥିବା ଆକର୍ଷଣ ବର୍ଣ୍ଣନା କର ।

(ଖ) 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ' କବିତାରେ ଭକ୍ତିଭାବ ଓ ବିଶ୍ୱକଲ୍ୟାଣ ସ୍ୱର ପ୍ରତିଫଳିତ ବର୍ଣ୍ଣନା କର ।

(ଗ) 'ସରୋବର ବର୍ଣ୍ଣନା' କବିତାରୁ କବିଙ୍କର ସୌନ୍ଦର୍ଯ୍ୟ ପ୍ରିତିର ବର୍ଣ୍ଣନା କର ।

9 ଯେ କୌଣସି ତିନୋଟି ପ୍ରଶ୍ନର ଉତ୍ତର ଦିଅ - 7×3

(କ) 'ମାଡ଼ ହାଣ୍ଡି' ଗଳ୍ପରେ ଲେଖକ ଶ୍ରମକୁ ମର୍ଯ୍ୟାଦା ଦେଉଛନ୍ତି - କିପରି ?

(ଖ) 'ଆଚାର୍ଯ୍ୟ ଥିଲେ ବୋଲି' ଗଳ୍ପର ନାମକରଣର ସାର୍ଥକତା ଦର୍ଶାଅ ।

(ଗ) 'ଦୂର ପାହାଡ଼' ଏକାଙ୍କିକାରୁ ବିମଳଙ୍କ ଚରିତ୍ର ଚିତ୍ରଣ କର ।

(ଘ) ଅଶିକ୍ଷା ଓ କୁସଂସ୍କାରର ବୀସମୟ ପରିଣତି 'ରେବତୀ' ଗଳ୍ପରେ ଫକୀର ମୋହନ ସେନାପତି ନିଛକ ଭାବରେ ଫୁଟାଇଛନ୍ତି - ପ୍ରତିପାଦନ କର ।

10 ବିପରୀତ ଶବ୍ଦ ଲେଖ । 1×3

ଅନ୍ଧାର, ପୂର୍ବ, ଉଦୟ ।

11 ସନ୍ଧି ବିଚ୍ଛେଦ କର - (ତିନୋଟିର) 1×3

ବିଦ୍ୟାଳୟ

ରବିନ୍ଦ୍ର

ଭାବାବେଶ

ସର୍ବୋତ୍ତମ

12 ନିମ୍ନ ଶବ୍ଦକୁ ବିଶେଷଣ ପଦରେ ପ୍ରକାଶ କର - 1×2

ନାମ, ସୀମା ।

13 ପ୍ରତି ଶବ୍ଦ ଲେଖ - 1×2

ପାଣି, ଆକାଶ ।

14 'ବାସନ କୁସନ' ଭଳି ଆଉ ତିନୋଟି ଯୁଗ୍ମ ଶବ୍ଦ ଲେଖ । 3

15 ନିମ୍ନରେ ଦିଆଯାଇଥିବା ସମୋଚାରିତ ଶବ୍ଦକୁ ବାକ୍ୟରେ ବ୍ୟବହାର କର - 1×2

କୂଳ, କୁଳ ।

16 ପରୋକ୍ଷ ଉକ୍ତିରେ ପରିଣତ କର - 1

ଶିକ୍ଷକ କହିଲେ, "ଈଶ୍ୱର ତୁମର ମଙ୍ଗଳ କରୁନ୍ତୁ ?"

17 ନିମ୍ନ ବାକ୍ୟ ମଧ୍ୟରୁ କେଉଁଟି ସରଳ, କେଉଁଟି ଜଟିଳ ଓ କେଉଁଟି ଯୌଗିକ ଚିହ୍ନାଇ ଦିଅ । 1×3

(i) ସେ କଟକ ଗଲେ ।

(ii) ତୁମେ ଆସ ନହେଲେ ମୁଁ ଯିବି ।

(iii) ଯଦି ତୁମେ ଏକାଗ୍ର ଚିତ୍ତରେ ଭଗବାନଙ୍କୁ ପ୍ରାର୍ଥନା କର, ତେବେ ସେ ତୁମର ଦୁର୍ଦ୍ଦଶା ଦୂର କରିବେ ।

18 କ'ଣ ହେବ - 1

ସମୟ + ଇକ ।

19 ୨୦୦ ଶବ୍ଦ ମଧ୍ୟରେ ଯେ କୌଣସି ଗୋଟିଏ ବିଷୟରେ ରଚନା ଲେଖ । 10

(i) ଶୀତ ଋତୁ

(ii) ଉତ୍କଳ ଦିବସ

(iii) ତୁମ ଜୀବନର ଲକ୍ଷ୍ୟ

20 ତୁମେ ପରିକ୍ଷାରେ ପାଶ୍ କରିଥିବା ଖବର ଜଣାଇ ବନ୍ଧୁଙ୍କ ନିକଟକୁ ଚିଠିଟିଏ ଲେଖ । 5

କିମ୍ବା

ତୁମ ଗ୍ରାମରେ ପାନୀୟ ଜଳର ଅଭାବ ଦର୍ଶାଇ ନଳକୂପ ବସାଇବା ପାଇଁ ଗ୍ରାମବାସିଙ୍କ ତରଫରୁ ମଣ୍ଡଳ ଉନ୍ନୟନ ଅଧିକାରୀ (ବି.ଡି.ଓ.) ନିକଟକୁ ଦରଖାସ୍ତଟିଏ ଲେଖ ।

**21** ଗୋଟିକର ଭାବ ସଂପ୍ରସାରଣ କର - **3×1**

(i) ଅତି ଗର୍ବେ ହତ ଲଙ୍କା

(ii) ଯେସାକୁ ତେସା

**22** ଅନୁବାଦ କର - **1×2**

(i) India is my country.

(ii) Who is there ?

## SPACE FOR ROUGH WORK / ରଫ୍ କାର୍ଯ୍ୟ ପାଇଁ ସ୍ଥାନ